# NATIONAL NEWS BULLETIN (ODIA)
## 23 May - 2024
## Morning Bulletin : 7.15 A.M.

**********************************

## ମୁଖ୍ୟ ସମ୍ବାଦ

- ଦେଶରେ ଷଷ୍ଠ ପର୍ଯ୍ୟାୟ ନିର୍ବାଚନ ଲାଗି ଆଜି ସନ୍ଧ୍ୟାରେ ଶେଷ ହେଉଛି ପ୍ରଚାର ।

– ଆଜି ଓଡ଼ିଶାର ଦୁଇଟି ବୁଥ୍‌ରେ ପୁନଃ ମତଦାନ ଆରମ୍ଭ ।

- ବୁଦ୍ଧ ପୂର୍ଣ୍ଣିମା ଅବସରରେ ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇଲେ ରାଷ୍ଟ୍ରପତି ଓ ଉପରାଷ୍ଟ୍ରପତି ।
- ୨୦୨୩-୨୪ ଆର୍ଥିକ ବର୍ଷ ପାଇଁ କେନ୍ଦ୍ର ସରକାରଙ୍କୁ ୨ଲକ୍ଷ ୧୦ ହଜାର ୮୭୪ କୋଟି ଟଙ୍କା ପ୍ରଦାନକୁ ରିଜର୍ଭବ୍ୟାଙ୍କ୍‌ର ମଞ୍ଜୁରୀ ।
- ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଏକମାତ୍ର ଦେଶ ଭାବେ ଭାରତୀୟ ଦୂତାବାସକୁ ମିଳିଲା ଦୁଇଟି ସମ୍ମାନ ।

ଏବଂ

- ଆଇପିଏଲ୍ କ୍ରିକେଟ୍ ଏଲିମିନେଟରରେ ରୟାଲ୍ ଚାଲେଞ୍ଜର୍ସ ବାଙ୍ଗାଲୋରକୁ ୪ ୱିକେଟ୍‌ରେ ପରାସ୍ତ କଲା ରାଜସ୍ଥାନ ରୟାଲ୍ସ ।

# ଷଷ୍ଠ ପର୍ଯ୍ୟାୟ

ଦେଶରେ ଷଷ୍ଠ ପର୍ଯ୍ୟାୟ ନିର୍ବାଚନ ଲାଗି ଆଜି ସନ୍ଧ୍ୟାରେ ପ୍ରଚାର ଶେଷ ହେଉଛି । ଏହି ପର୍ଯ୍ୟାୟରେ ୭ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ୫୭ଟି ଲୋକସଭା ଓ ଏହା ଅନ୍ତର୍ଗତ ବିଧାନସଭା ଆସନ ଗୁଡ଼ିକ ଲାଗି ଭୋଟ୍ ଗ୍ରହଣ ହେବ ।

# ଦିଲ୍ଲୀ ଇଲେକ୍ସନ୍ କ୍ୟାମ୍ପେନିଂ

ମେ' ୨୫ରେ ହେବାକୁ ଥିବା ନିର୍ବାଚନ ପାଇଁ ଦିଲ୍ଲୀର ସମସ୍ତ ୭ଟି ଲୋକସଭା ଆସନ ପାଇଁ ପ୍ରଚାର ଜୋରସୋରରେ ଚାଲିଛି। ଆଜି ହେଉଛି ପ୍ରଚାରର ଶେଷ ଦିନ। ବିଜେପି, କଂଗ୍ରେସ ଓ ଆମ୍ ଆଦମୀ ପାର୍ଟିର ନେତାମାନେ ନିଜ ନିଜ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରୁଛନ୍ତି। ବିଭିନ୍ନ ଅଞ୍ଚଳରେ ରାଲି, ରୋଡ୍ ସୋ ଓ ପଥପ୍ରାନ୍ତ ସଭା କରି ଭୋଟରଙ୍କୁ ଆକୃଷ୍ଟ କରିବା ପାଇଁ ସବୁ ରାଜନୈତିକ ଦଳର ନେତାମାନେ ପ୍ରୟାସ ଜାରି ରଖିଛନ୍ତି। ଦିଲ୍ଲୀରେ ୧ କୋଟି ୫୨ ଲକ୍ଷରୁ ଅଧିକ ଭୋଟର ଅଛନ୍ତି। ସେମାନଙ୍କ ମଧ୍ୟରୁ ୮୨ ଲକ୍ଷ ପୁରୁଷ ଓ ୭୦ ଲକ୍ଷରୁ ଅଧିକ ମହିଳା ଭୋଟର ଅଛନ୍ତି। ପ୍ରଥମ ଥର ପାଇଁ ୨ ଲକ୍ଷ ୫୨ ହଜାରରୁ ଅଧିକ ଯୁବ ଭୋଟର ସେମାନଙ୍କ ମତାଧିକାର ସାବ୍ୟସ୍ତ କରିବେ। ଏଥର ଉଭୟ କଂଗ୍ରେସ ଓ ଆମ୍ ଆଦମୀ ପାର୍ଟି ଏକାଠି ନିର୍ବାଚନ ଲଢୁଛନ୍ତି। ଦିଲ୍ଲୀର ୭ଟି ଲୋକସଭା ଆସନ ପାଇଁ ମୋଟ ୧୬୨ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦିତା କରୁଛନ୍ତି।

ଆଜି ପ୍ରଚାରର ଶେଷ ଦିନରେ ବିଜେପି, ଆମ୍ ଆଦମୀ ପାର୍ଟି ଏବଂ କଂଗ୍ରେସର ଅନେକ ନେତା ଓ ଷ୍ଟାର ପ୍ରଚାରକ ସାମିଲ ହେବେ। ବିଜେପିର ବରିଷ୍ଠ ନେତା ତଥା କେନ୍ଦ୍ରମନ୍ତ୍ରୀ ରାଜନାଥ ସିଂହ, ପୀୟୂଷ ଗୋୟଲ ଓ ସ୍ମୃତି ଇରାନୀ ଏବଂ ଉତ୍ତରାଖଣ୍ଡ ଓ ରାଜସ୍ଥାନ ମୁଖ୍ୟମନ୍ତ୍ରୀମାନେ ଜନସଭା ଓ ରୋଡ୍ ସୋ କରିବେ। କଂଗ୍ରେସର ବରିଷ୍ଠ ନେତା ରାହୁଲ ଗାନ୍ଧି ମଙ୍ଗୋଲପୁରୀ ଓ ସୀମାପୁରୀରେ ଜନସଭାକୁ ସମ୍ବୋଧିତ କରିବେ। ଆପ୍ ଶୀର୍ଷ ନେତାମାନେ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ରୋଡ୍ ସୋ କରିବେ।

## ଓଡ଼ିଶା-ଇଲେକସନ୍

ଓଡ଼ିଶାରେ ଷଷ୍ଠ ପର୍ଯ୍ୟାୟରେ ହେବାକୁ ଥିବା ୬ଟି ଲୋକସଭା ଓ ୪୨ଟି ବିଧାନସଭା ଆସନ ପାଇଁ ପ୍ରଚାର ଜୋରସୋରରେ ଚାଲିଛି। ଆଜି ପ୍ରଚାରର ଶେଷ ଦିନ ଥିବାବେଳେ ବିଭିନ୍ନ ରାଜନୈତିକ ଦଳର ଶୀର୍ଷ ନେତାମାନେ ରାଜ୍ୟରେ ପ୍ରଚାର କରୁଛନ୍ତି। ସମ୍ବଲପୁର, କେନ୍ଦୁଝର, ଢେଙ୍କାନାଳ, ପୁରୀ, ଭୁବନେଶ୍ୱର ଓ କଟକ ଲୋକସଭା ଆସନ ଏବଂ ଏହା ଅନ୍ତର୍ଗତ ବିଧାନସଭା ଆସନ ପାଇଁ ଆସନ୍ତା ୨୫ ତାରିଖରେ ମତଦାନ ହେବ।

ଆଜି ବିଜେପି ଅଧ୍ୟକ୍ଷ ଜେପି ନଡ୍ଡା ୪ଟି ଜନସଭାକୁ ସମ୍ବୋଧନ କରିବାର କାର୍ଯ୍ୟକ୍ରମ ରହିଥିବା ବେଳେ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ

ଦୁଇଟି ଓ ଆସାମ ମୁଖ୍ୟମନ୍ତ୍ରୀ ହେମନ୍ତ ବିଶ୍ୱ ଶର୍ମା ତିନୋଟି ଜନସଭାରେ ଯୋଗଦେବେ ।

## ଓଡ଼ିଶା-ରିପୋଲିଂ

ଓଡ଼ିଶାର କନ୍ଧମାଳ ଲୋକସଭା ଆସନ ଅନ୍ତର୍ଗତ କଣ୍ଟାମାଳ ବିଧାନସଭା ନିର୍ବାଚନ ମଣ୍ଡଳୀ ଅଧିନସ୍ଥ ବୁଥ୍ ନମ୍ବର ୨୬ ଏବଂ ୨୮ରେ ଆଜି ପୁନଃ ମତଦାନ ହେଉଛି । ଆଜି ସକାଳ ୭ଟାରୁ ଆରମ୍ଭ ହୋଇଥିବା ଭୋଟଗ୍ରହଣ ଅପରାହ୍ଣ ୪ଟା ଯାଏଁ ଚାଲିବ । ଏହି ଆସନରେ ଗତ ୨୦ ତାରିଖରେ ଭୋଟ ଗ୍ରହଣ ହୋଇଥିଲା ।

## ଇସିଆଇ

ନିର୍ବାଚନ କମିଶନ ବିଜେପି ଅଧ୍ୟକ୍ଷ ଜେପି ନଡ୍ଡା ଓ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡଗେଙ୍କୁ ଆଦର୍ଶ ଆଚରଣ ବିଧି ଉଲ୍ଲଂଘନ କରୁଥିବା କୌଣସି ବିବୃତ୍ତି ନଦେବା ପାଇଁ ଦଳର ପ୍ରମୁଖ ପ୍ରଚାରକମାନଙ୍କୁ ନିର୍ଦ୍ଦେଶ ଜାରି ଜାରି କରିବାକୁ କହିଛନ୍ତି। ଦୁଇ ଦଳର ଅଧ୍ୟକ୍ଷଙ୍କୁ ଲେଖିଥିବା ଚିଠିରେ ଆୟୋଗ କହିଛନ୍ତି ଯେ କୌଣସି ଦଳ କିମ୍ବା ପ୍ରାର୍ଥୀ ଏପରି ଭାଷଣ ଦେବା ଉଚିତ ନୁହେଁ ଯାହା ସମାଜରେ ବିଭାଜନ ସୃଷ୍ଟି କରିପାରେ ଏବଂ ସାମ୍ପ୍ରଦାୟିକତାକୁ ପ୍ରୋତ୍ସାହିତ କରିପାରେ। ସମାଜକୁ ବିଭାଜିତ କରିବା ଉଦ୍ଦେଶ୍ୟରେ

ବିଭାଜନକାରୀ ଭାଷଣ ନଦେବାକୁ ତାଙ୍କ ଦଳର ପ୍ରମୁଖ ପ୍ରଚାରକମାନଙ୍କୁ ନିର୍ଦ୍ଦେଶ ଦେବାକୁ କମିଶନ କହିଛନ୍ତି। କେନ୍ଦ୍ରରେ ଶାସକ ଦଳ ଭାବେ ବିଜେପିକୁ ଭାରତର ସାମଗ୍ରିକ ଓ ସମ୍ବେଦନଶୀଳ ଢାଞ୍ଚାର ବ୍ୟବହାରିକ ଦିଗ ସହିତ ନିର୍ବାଚନ ପ୍ରଚାର କରିବାକୁ କୁହାଯାଇଛି।

## ଆର୍‌ବିଆଇ

ଭାରତୀୟ ରିଜର୍ଭ ବ୍ୟାଙ୍କ ୨୦୨୩-୨୪ ଆର୍ଥିକ ବର୍ଷ ପାଇଁ କେନ୍ଦ୍ର ସରକାରଙ୍କୁ ୨ ଲକ୍ଷ ୧୦ ହଜାର ୮୭୪ କୋଟି ଟଙ୍କା ଅତିରିକ୍ତ ଆକାରରେ ହସ୍ତାନ୍ତର କରିବାକୁ ମଞ୍ଜୁରୀ ଦେଇଛି। ମୁମ୍ବାଇରେ ଅନୁଷ୍ଠିତ ରିଜର୍ଭ ବ୍ୟାଙ୍କର କେନ୍ଦ୍ରୀୟ ନିର୍ଦ୍ଦେଶକ ବୋର୍ଡର ୬୦୮ତମ ବୈଠକରେ ଏହି ଅନୁମୋଦନ ମିଳିଛି।

ରିଜର୍ଭ ବ୍ୟାଙ୍କ ଗଭର୍ଣ୍ଣର ଶକ୍ତିକାନ୍ତ ଦାସଙ୍କ ଅଧ୍ୟକ୍ଷତାରେ ଗଠିତ ବୋର୍ଡ ୨୦୨୩-୨୪ ଆର୍ଥିକ ବର୍ଷ ପାଇଁ କଣ୍ଟିଜେଣ୍ଟ ରିସ୍କ ବଫର- ସିଆରବିକୁ ୬.୫ ପ୍ରତିଶତକୁ ବୃଦ୍ଧି କରିବାକୁ ନିଷ୍ପତ୍ତି ନେଇଛି। ପ୍ରଚଳିତ ଅର୍ଥନୈତିକ ସ୍ଥିତି ଏବଂ ଆର୍ଥିକ ସଙ୍କଟ କାରଣରୁ ୨୦୧୮-୧୯ରୁ ୨୦୨୧-୨୨ ଆର୍ଥିକ ବର୍ଷ ମଧ୍ୟରେ ଅଭିବୃଦ୍ଧି ଏବଂ ସାମଗ୍ରିକ ଅର୍ଥନୈତିକ କାର୍ଯ୍ୟକଳାପକୁ ସମର୍ଥନ କରିବା ପାଇଁ ରିଜର୍ଭ ବ୍ୟାଙ୍କର ବାଲାନ୍ସ ସିଟ୍ ଆକାରର ୫.୫୦ ପ୍ରତିଶତ

ସିଆରବି ବଜାୟ ରଖିବାକୁ ବୋର୍ଡ ନିଷ୍ପତ୍ତି ନେଇଥିଲା। ଅର୍ଥନୀତିରେ ସୁଧାର ଆସିବା ପରେ ୨୦୨୨-୨୩ରେ ଏହାକୁ ୬ ପ୍ରତିଶତକୁ ବୃଦ୍ଧି କରାଯାଇଥିଲା।

## ଜାମ୍ମୁ କାଶ୍ମୀର-ସିକ୍ୟୁରିଟି

ଜମ୍ମୁ-କଶ୍ମୀରର ପୁଞ୍ଚଠାରେ ଏକ ଉଚ୍ଚସ୍ତରୀୟ ମିଳିତ ସୁରକ୍ଷା ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ସିକ୍ସଟିନ କୋରର ଜେନେରାଲ ଅଫିସର କମାଣ୍ଡିଂ, ଲେଫ୍ଟନାଣ୍ଟ ଜେନେରାଲ ନବୀନ ସଚଦେବ ଏବଂ ପୋଲିସ ମହାନିର୍ଦ୍ଦେଶକ ଆରଆର ସ୍ୱାଇଁ ମିଳିତ ଭାବେ ଅଧ୍ୟକ୍ଷତା କରିଥିଲେ। ଏହି ବୈଠକରେ ଚାଲିଥିବା ଅଭିଯାନରେ ସମନ୍ୱୟ ଏବଂ ଭବିଷ୍ୟତର ବିକାଶ ନେଇ ବିସ୍ତୃତ ଆଲୋଚନା ହୋଇଥିଲା ବୋଲି ଆକାଶବାଣୀ ଜମ୍ମୁ ପ୍ରତିନିଧି ସୂଚନା ଦେଇଛନ୍ତି।

## ବୁଦ୍ଧ ପୂର୍ଣ୍ଣିମା-ପ୍ରେସିଡେଣ୍ଟ

ଦେଶର ବିଭିନ୍ନ ସ୍ଥାନରେ ଆଜି ଭଗବାନ ବୁଦ୍ଧଙ୍କ ଜନ୍ମଜୟନ୍ତୀ ପାଳିତ ହେଉଛି। ଏହି ଅବସରରେ ରାଷ୍ଟ୍ରପତି ଓ ଉପରାଷ୍ଟ୍ରପତି ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ତାଙ୍କ ବାର୍ତ୍ତାରେ କହିଛନ୍ତି, ଭଗବାନ ଗୌତମ ବୁଦ୍ଧ ସତ୍ୟ, ଅହିଂସା, ସଦ୍‌ଭାବ ଓ ମାନବିକତା ଏବଂ ସମସ୍ତ

ଜୀବଜନ୍ତୁଙ୍କ ପ୍ରତି ପ୍ରେମର ବାର୍ତ୍ତା ଦେଇଛନ୍ତି । ଭଗବାନ ବୁଦ୍ଧଙ୍କ ସହିଷ୍ଣୁତା, ଆତ୍ମସଚେତନତା ଏବଂ ଉତ୍ତମ ଆଚରଣର ଶିକ୍ଷା ସମସ୍ତଙ୍କୁ ମାନବିକତାର ସେବା କରିବାକୁ ପ୍ରେରଣା ଦେଇଥାଏ ।

ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼ ତାଙ୍କ ବାର୍ତ୍ତାରେ କହିଛନ୍ତି ଯେ ଭଗବାନ ଗୌତମ ବୁଦ୍ଧଙ୍କ ଶିକ୍ଷା ନୈତିକ ଆଚରଣ, ମାନସିକ ଶୃଙ୍ଖଳା ଏବଂ ଜ୍ଞାନରେ ଆଧାରିତ ଜୀବନର ଅନୁସନ୍ଧାନ ପାଇଁ ଏକ ପରିବର୍ତ୍ତନଶୀଳ ପାଠ ପ୍ରଦର୍ଶନ କରିଥାଏ । ଶ୍ରୀ ଧନଖଡ଼ କହିଛନ୍ତି ଯେ ଭଗବାନ ବୁଦ୍ଧଙ୍କର ଚାରିଟି ମହାନ ସତ୍ୟ ଏବଂ ଅଷ୍ଟମ ପଥର ସିଦ୍ଧାନ୍ତ ଲୋକମାନଙ୍କୁ ଦୟା ଏବଂ ଅହିଂସା ଦିଗରେ ମାର୍ଗଦର୍ଶନ କରିଥାଏ ।

## ବାଂଲାଦେଶ ବୁଦ୍ଧପୂର୍ଣ୍ଣିମା

ବୌଦ୍ଧ ଧର୍ମାବଲମ୍ବୀଙ୍କ ସବୁଠାରୁ ବଡ଼ ଧାର୍ମିକ ପର୍ବ ବୁଦ୍ଧ ପୂର୍ଣ୍ଣିମା ବାଂଲାଦେଶରେ ସମ୍ପୂର୍ଣ୍ଣ ଧାର୍ମିକ ଉତ୍ସାହର ସହ ପାଳିତ ହୋଇଯାଇଛି । ଏହି ଅବସରରେ ବାଂଲାଦେଶ ବୌଦ୍ଧ ମହାସଂଘ ପକ୍ଷରୁ ଢାକାସ୍ଥିତ ଅନ୍ତର୍ଜାତୀୟ ବୌଦ୍ଧ ମଠରେ ଏକ ପ୍ରାର୍ଥନା ସଭା ଓ ଆଲୋଚନାଚକ୍ର ଆୟୋଜନ କରାଯାଇଥିଲା । ବହୁ ସଂଖ୍ୟାରେ ବୌଦ୍ଧ ଶ୍ରଦ୍ଧାଳୁ ମଠରେ ଏକାଠି ହୋଇ ଦୀପ ଜାଳି ପୂଜାର୍ଚ୍ଚନା କରିବା ସହ ଭଗବାନ ବୁଦ୍ଧଙ୍କ ପ୍ରତିମୂର୍ତ୍ତିରେ ଫଳ, ଫୁଲ ଓ ଅର୍ଘ୍ୟ ଅର୍ପଣ କରିଥିଲେ ।

# ନେପାଳ ବୁଦ୍ଧ ଜୟନ୍ତୀ

ବୁଦ୍ଧ ଜୟନ୍ତୀ ଅବସରରେ ନେପାଳସ୍ଥିତ ଭାରତୀୟ ଦୂତାବାସ ପକ୍ଷରୁ ଲୁମ୍ବିନୀ ଡେଭଲପମେଣ୍ଟ ଟ୍ରଷ୍ଟ ଓ ଲୁମ୍ବିନୀ ବୌଦ୍ଧ ବିଶ୍ୱବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ ଲୁମ୍ବିନୀ ବୌଦ୍ଧ ବିଶ୍ୱବିଦ୍ୟାଳୟରେ 'ବୌଦ୍ଧ ଓ ବିଶ୍ୱ ଶାନ୍ତି' ଶୀର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା । ଏହି ଆଲୋଚନା ଚକ୍ରରେ ଭାରତ ଓ ନେପାଳର ବିଶିଷ୍ଟ ବୌଦ୍ଧ ବିଦ୍ୱାନମାନେ ଅଂଶଗ୍ରହଣ କରିଥିଲେ ।

ବୁଦ୍ଧ ଜୟନ୍ତୀ ଉପଲକ୍ଷେ ଲୁମ୍ବିନୀରେ ଚିତ୍ରାଙ୍କନ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଥିଲା । 'ଭଗବାନ ବୁଦ୍ଧ ଏବଂ ତାଙ୍କ ଶିକ୍ଷା' ଶୀର୍ଷକ ଏହି ଚିତ୍ରକଳା ପ୍ରଦର୍ଶନୀକୁ ନେପାଳ ପ୍ରଧାନମନ୍ତ୍ରୀ ପୁଷ୍ପ କମଲ ଦହଲ 'ପ୍ରଚଣ୍ଡ' ଉଦଘାଟନ କରିଥିଲେ । କବିତା ଦ୍ୱିବେଦୀ ଏବଂ ତାଙ୍କ ନୃତ୍ୟ ଦଳ 'ଶ୍ୱେତା ମୁକ୍ତି-ନିର୍ବାଣ କି ସ୍ତ୍ରୀ ମହିମା' ଶୀର୍ଷକ ଏକ ନୃତ୍ୟ ପରିବେଷଣ କରିଥିଲେ ।

ପ୍ରଖ୍ୟାତ ଭାରତୀୟ ଗାୟିକା ଡ. ସୁଭଦ୍ରା ଦେଶାଇ ଭଜନ ଓ ଧମ୍ମ ସଙ୍ଗୀତ ପରିବେଷଣ କରିଥିଲେ । ରାଷ୍ଟ୍ରଦୂତ ନବୀନ ଶ୍ରୀବାସ୍ତବ ସ୍ୱାଗତ ଭାଷଣରେ ଭାରତ ଓ ନେପାଳର ମିଳିତ ବୌଦ୍ଧ ଐତିହ୍ୟ ବିଷୟରେ କହିଥିଲେ ।

ନେପାଳ ପ୍ରଧାନମନ୍ତ୍ରୀ ଓ ଉପପ୍ରଧାନମନ୍ତ୍ରୀ ଭାରତ ଓ ନେପାଳ ମଧ୍ୟରେ ଦ୍ୱିପାକ୍ଷିକ ସମ୍ପର୍କରେ ସଂସ୍କୃତିର ଏକ ସ୍ୱତନ୍ତ୍ର ସ୍ଥାନ ରହିଛି ଏବଂ ଏଭଳି

କାର୍ଯ୍ୟକ୍ରମ ଦୁଇ ଦେଶ ମଧ୍ୟରେ ବନ୍ଧୁତା ଏବଂ ସଦ୍ଭାବନାକୁ ସୁଦୃଢ଼ କରିଥାଏ ବୋଲି କହିଛନ୍ତି।

## ଜାମ୍ମୁ କାଶ୍ମୀର-ବୁଦ୍ଧ ପୂର୍ଣ୍ଣିମା

ଜମ୍ମୁ-କଶ୍ମୀର ଉପରାଜ୍ୟପାଳ ମନୋଜ ସିହ୍ନା ବୁଦ୍ଧ ପୂର୍ଣ୍ଣିମା ଅବସରରେ ଦେଶବାସୀଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଜଣାଇଛନ୍ତି। ଏକ ବାର୍ତ୍ତାରେ ଉପରାଜ୍ୟପାଳ କହିଛନ୍ତି, ଭଗବାନ ବୁଦ୍ଧ ମାନବ ଜାତିକୁ ଶାନ୍ତି, ଅହିଂସା, ନିଃସ୍ୱାର୍ଥପର ସେବା ଏବଂ ଧାର୍ମିକ ଜୀବନଯାପନ ପଥରେ ମାର୍ଗଦର୍ଶନ କରିଥିଲେ। ତାଙ୍କର ଚିରନ୍ତନ ବାର୍ତ୍ତା ଆମକୁ ସତ୍ୟ, କରୁଣା ଓ ବିଶ୍ୱ ଭାଇଚାରା ପଥରେ ମାର୍ଗଦର୍ଶନ କରୁଛି ବୋଲି ସେ କହିଛନ୍ତି। ଶ୍ରୀ ସିହ୍ନା ବୁଦ୍ଧ ପୂର୍ଣ୍ଣିମା ସମସ୍ତଙ୍କ ପାଇଁ ଶାନ୍ତି, ସମୃଦ୍ଧି ଏବଂ ସୁଖ ଆଣିବ ବୋଲି କାମନା କରିଥିଲେ।

## ୟୁଏଇ ଆୱାର୍ଡ

ୟୁଏଇର ଆବୁଧାବିସ୍ଥିତ ଭାରତୀୟ ଦୂତାବାସ ଏବଂ ଦୁବାଇସ୍ଥିତ ଭାରତୀୟ ଦୂତାବାସକୁ ସମ୍ମାନଜନକ ଶିଲ୍ଡ ଅଫ୍ ଅନର ପ୍ରଦାନ କରାଯାଇଛି। ୟୁଏଇର ବୈଦେଶିକ ବ୍ୟାପାର ମନ୍ତ୍ରୀ ଶେଖ୍ ଅବଦୁଲ୍ଲା ବିନ୍ ଜାୟେଦ୍ ଅଲ୍ ନ୍ୟାହୁଙ୍କ ପୃଷ୍ଠପୋଷକତାରେ ଆୟୋଜିତ ପଞ୍ଚମ ବୈଦେଶିକ ଉତ୍କର୍ଷ ପୁରସ୍କାର

ସମାରୋହରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଭାରତ ଏକମାତ୍ର ଦେଶ ଭାବେ ଏଭଳି ଦୁଇଟି ପୁରସ୍କାର ହାସଲ କରିଛି । ୟୁଏଇରେ ଅବସ୍ଥାପିତ ଭାରତୀୟ ରାଷ୍ଟ୍ରଦୂତ ସଞ୍ଜୟ ସୁଧୀର ଏବଂ ଦୁବାଇସ୍ଥିତ କନସୁଲେଟ୍ ଜେନେରାଲ ସତୀଶ କୁମାର ଶିବନ ଏହି ପୁରସ୍କାର ଗ୍ରହଣ କରିଛନ୍ତି ।

ଶେଖ୍ ଅବଦୁଲ୍ଲା ବିନ୍ ଜାଏଦ ଏହି ପୁରସ୍କାର ପ୍ରଦାନ କରିଥିଲେ । ଏହି ପୁରସ୍କାର ୟୁଏଇରେ ଥିବା ଭାରତୀୟ ଦୂତାବାସ ଅର୍ଥନୈତିକ, ସାଂସ୍କୃତିକ ଏବଂ ଜନସାଧାରଣଙ୍କ ମଧ୍ୟରେ ସମ୍ପର୍କକୁ ପ୍ରୋତ୍ସାହିତ କରିବା ପାଇଁ କରିଥିବା ପ୍ରଶଂସନୀୟ କାର୍ଯ୍ୟର ପ୍ରମାଣ ପ୍ରଦାନ କରୁଛି ।

## ସ୍ପେନ୍ ସୋଲାର ଆଲିଆନ୍ସ

ସ୍ପେନ୍ ଅନ୍ତର୍ଜାତୀୟ ସୌର ମେଣ୍ଟର ୯୯ତମ ସଦସ୍ୟ ହୋଇଛି । ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୟସ୍ୱାଲ କହିଛନ୍ତି ଯେ ନୂଆଦିଲ୍ଲୀରେ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ଯୁଗ୍ମ ସଚିବ ଅଭିଷେକ ସିଂହଙ୍କ ସହ ସ୍ପେନର ରାଷ୍ଟ୍ରଦୂତ ଜୋସେ ମାରିଆ ରିଡାଓ ଡୋମିଙ୍ଗେଜଙ୍କ ବୈଠକରେ ସ୍ପେନ୍ ଅନ୍ତର୍ଜାତୀୟ ସୌର ମେଣ୍ଟ ଅନୁମୋଦନ ଦସ୍ତାବିଜ ହସ୍ତାନ୍ତର କରିଛି । ଆନ୍ତର୍ଜାତିକ ସୌର ମେଣ୍ଟ ହେଉଛି ଶକ୍ତି ଉପଲବ୍ଧତା ଆଣିବା, ଶକ୍ତି ନିରାପତ୍ତା ସୁନିଶ୍ଚିତ କରିବା ଏବଂ ଏହାର ସଦସ୍ୟ

ଦେଶମାନଙ୍କରେ ଶକ୍ତି ପରିବର୍ତ୍ତନକୁ ତ୍ୱରାନ୍ୱିତ କରିବାର ମାଧ୍ୟମ ଭାବରେ ସୌର ଶକ୍ତି ପ୍ରଯୁକ୍ତିର ବର୍ଦ୍ଧିତ ବ୍ୟବହାର ପାଇଁ ଏକ ସହଯୋଗୀ ମଞ୍ଚ।

## ଇଣ୍ଡିଆ-ବ୍ରିଟେନ୍ ଟେରୋରିଯମ୍

ଆତଙ୍କବାଦ ମୁକାବିଲା ପାଇଁ ଭାରତ-ବ୍ରିଟେନ ମିଳିତ କାର୍ଯ୍ୟକାରୀ ଗୋଷ୍ଠୀର ଷୋଡ଼ଶ ବୈଠକ ନୂଆଦିଲ୍ଲୀରେ ଅନୁଷ୍ଠିତ ହୋଇଯାଇଛି। ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ଯୁଗ୍ମ ସଚିବ କେ.ଡି. ଦେବଲ ଏବଂ ବ୍ରିଟିଶ ସରକାରଙ୍କ ଆତଙ୍କବାଦ ବିରୋଧୀ ନେଟୱାର୍କ ଫର ଏସିଆ ଆଣ୍ଡ ଓସେନିଆର ମୁଖ୍ୟ କ୍ରିସ୍ ଫେଲ୍ଟନ୍ ଏହି ପ୍ରତିନିଧି ଦଳର ନେତୃତ୍ୱ ନେଇଥିଲେ। ଦୁଇ ଦେଶ ମଧ୍ୟରେ ଚାଲିଥିବା ଆତଙ୍କବାଦ ବିରୋଧୀ ସହଯୋଗ ଉପରେ ସେମାନେ ଆଲୋଚନା କରିଥିଲେ। ଆତଙ୍କବାଦର ବ୍ୟାପକ ଏବଂ ସ୍ଥାୟୀ ମୁକାବିଲା ପାଇଁ ଅନ୍ତର୍ଜାତୀୟ ସହଯୋଗକୁ ସୁଦୃଢ଼ କରିବା ଉପରେ ଉଭୟ ଦେଶ ଗୁରୁତ୍ୱାରୋପ କରିଥିଲେ।

## ଆର୍ମି ଚିଫ୍-ସାଇବର ସିକ୍ୟୁରିଟି

ପ୍ରତିରକ୍ଷା ମୁଖ୍ୟ ଜେନେରାଲ ଅନୀଲ ଚୌହାନ ଭାରତର ସାଇବର ପ୍ରତିରକ୍ଷା କ୍ଷମତାକୁ ସୁଦୃଢ଼ କରିବା ଉପରେ ଗୁରୁତ୍ୱାରୋପ କରିଛନ୍ତି। ଜେନେରାଲ ଚୌହାନ ନୂଆଦିଲ୍ଲୀରେ ସାଇବର ସିକ୍ୟୁରିଟି ଅଭ୍ୟାସ-୨୦୨୪

ଉପରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ସେ ସାଇବର କ୍ଷେତ୍ରରେ ସମସ୍ତ ଅଂଶୀଦାରଙ୍କ ମଧ୍ୟରେ ସମନ୍ୱୟ ଉପରେ ଗୁରୁତ୍ୱାରୋପ କରିଥିଲେ ଏବଂ ବୃଦ୍ଧି ପାଉଥିବା ସାଇବର ବିପଦର ମୁକାବିଲା ପାଇଁ ଏକ ସହଯୋଗୀ ପରିବେଶକୁ ପ୍ରୋତ୍ସାହିତ କରିବାର ପଦକ୍ଷେପକୁ ପ୍ରଶଂସା କରିଥିଲେ।

## ବାଙ୍ଗଲାଦେଶ ହୋମ ମିନିଷ୍ଟର

ବାଂଲାଦେଶର ଗୃହମନ୍ତ୍ରୀ ଆସାଦୁଜମାନ ଖାନ୍ କହିଛନ୍ତି ଯେ ତାଙ୍କ ଦେଶର କିଛି ଲୋକ କୋଲକାତା ନିକଟସ୍ଥ ନ୍ୟୁଟାଉନର ଏକ ଫ୍ଲାଟରେ ଶାସକ ଆୱାମୀ ଲିଗ୍ ସାଂସଦ ଅନୱାରୁଲ ଅଜିମ୍ ଅନାରଙ୍କୁ ହତ୍ୟା କରିଛନ୍ତି। ଢାକାରେ ଏକ ସାମ୍ବାଦିକ ସମ୍ମିଳନୀକୁ ସମ୍ବୋଧିତ କରି ଗୃହମନ୍ତ୍ରୀ କହିଛନ୍ତି ଯେ ଉପଲବ୍ଧ ସୂଚନାରୁ ଜଣାପଡୁଛି ଯେ ଅନୱାରୁଲ ଅଜିମଙ୍କ ହତ୍ୟାକାଣ୍ଡରେ ବାଂଲାଦେଶର ଲୋକଙ୍କ ସମ୍ପୃକ୍ତି ରହିଛି।

ବାଂଲାଦେଶର ଗୃହମନ୍ତ୍ରୀ କହିଛନ୍ତି ଯେ ଭାରତୀୟ ପୋଲିସଠାରୁ ମିଳିଥିବା ସୂଚନା ଆଧାରରେ ବାଂଲାଦେଶ ପୋଲିସ ସାଂସଦଙ୍କ ହତ୍ୟା ମାମଲାରେ ୩ ଜଣଙ୍କୁ ଗିରଫ କରିଛି। ଗୃହମନ୍ତ୍ରୀ କହିଛନ୍ତି ଯେ ଏହି ମାମଲାରେ କୌଣସି ଭାରତୀୟଙ୍କ ସମ୍ପୃକ୍ତି ନାହିଁ।

ବାଂଲାଦେଶ ସାଂସଦ ଅନୱ୍ୱାରୁଲ ଅଜିମ ଅନାର ମେ’ ୧୧ ତାରିଖରେ ଚିକିତ୍ସା ପାଇଁ ଭାରତ ଆସିଥିଲେ। ମେ’ ୧୪ ତାରିଖ ପରେ ପରିବାର ଲୋକଙ୍କ ସହ କୌଣସି ସମ୍ପର୍କ ନ ହେବାରୁ ତାଙ୍କ ପତ୍ନୀ ଓ ଝିଅମାନେ ଢାକାସ୍ଥିତ ଡିଟେକ୍ଟିଭ୍ ବ୍ରାଞ୍ଚ କାର୍ଯ୍ୟାଳୟ ସହ ଯୋଗାଯୋଗ କରିଥିଲେ।

## ପିଏମ୍-ସାଉଦି କିଙ୍ଗ

ସାଉଦି ଆରବ ରାଜା ସଲମାନ ବିନ୍ ଅବଦୁଲ ଅଜିଜଙ୍କ ସ୍ୱାସ୍ଥ୍ୟାବସ୍ଥା ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗଭୀର ଉଦବେଗ ପ୍ରକାଶ କରିଛନ୍ତି। ସାମାଜିକ ଗଣମାଧ୍ୟମରେ ପ୍ରଧାନମନ୍ତ୍ରୀ ତାଙ୍କର ଆଶୁ ଆରୋଗ୍ୟ କାମନା କରିଛନ୍ତି।

## @ûA_òGf¨

ଆଇପିଏଲ କ୍ରିକେଟରେ ଗତକାଲି ଅନୁଷ୍ଠିତ ଏଲିମିନେଟର ମ୍ୟାଚରେ ରାଜସ୍ଥାନ ରୟାଲ୍ସ ୪ୱିକେଟ୍‌ରେ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର୍‌କୁ ପରାସ୍ତ କରିଛି। ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ୨୦ ଓଭରରେ ୮ ୱିକେଟ୍ ହରାଇ ୧୭୨ ରନ୍ କରିଥିଲା। ଏହାର ଜବାବରେ ରାଜସ୍ଥାନ ରୟାଲ୍ସ ୧୯ ଓଭରରେ ୬ ୱିକେଟ୍ ହରାଇ ୧୭୪ ରନ୍ କରି ମ୍ୟାଚରେ ବିଜୟ ଲାଭ କରିଥିଲା।

ଏହି ମ୍ୟାଚରେ ବିରାଟ କୋହଲି ଆଇପିଏଲରେ ୮ ହଜାର ରନ୍ କରିବାରେ ବିଶ୍ୱର ପ୍ରଥମ ବ୍ୟାଟ୍ସମ୍ୟାନ ହୋଇଛନ୍ତି।   ରାଜସ୍ଥାନ ରୟାଲ୍ସ ଆସନ୍ତାକାଲି କ୍ୱାଲିଫାୟର-୨ରେ ସନରାଇଜର୍ସ ହାଇଦ୍ରାବାଦକୁ ଭେଟିବ।